বাবা মুঙ্গিপা ডাক্তরী মহাবিদ্যালয় এবং গবেষণা কেন্দ্র বিদ্যার্থীমানঙ্ক অভিভাবক মঞ্চ

ଏବଂ ଅନ୍ୟଜଣେ

ବନାମ

ତ୍ରିପୁରା ସରକାର ଏବଂ ଅନ୍ୟମାନେ

ନଭେମ୍ବର 3,1997

[ସୁହାସ ସି. ସେନ ଏବଂ ଏମ୍. ଜଗନ୍ନାଧ ରାଓ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ଚିକିତ୍ସା ପରିଷଦ ଅଧିନିୟମ, 1956:*

*ଡାକ୍ତରୀ ମହାବିଦ୍ୟାଳୟ— ବିଶ୍ୱବିଦ୍ୟାଳୟ ଦ୍ୱାରା ମାନ୍ୟତା— ତ୍ରିପୁରା ରାଜ୍ୟରେ ଏକ ଶିକ୍ଷା ନ୍ୟାସ ଦ୍ୱାରା ସ୍ଥାପିତ ଡାକ୍ତରୀ ମହାବିଦ୍ୟାଳୟ— କେନ୍ଦ୍ର ସରକାରଙ୍କ ଠାରୁ ମଗାଯାଇଥିବା ଅନୁମତି— କେନ୍ଦ୍ର ସରକାରଙ୍କ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଅପିଲକାରୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ— ତ୍ୱରାନ୍ୱିତ ପଦକ୍ଷେପ ନେବା ପାଇଁ କେନ୍ଦ୍ର ସରକାରଙ୍କୁ ଏହି ନ୍ୟାୟାଳୟଙ୍କ ନିର୍ଦ୍ଦେଶ— ଇତି ମଧ୍ୟରେ ନ୍ୟାସ ବିଶ୍ୱବିଦ୍ୟାଳୟ ଠାରୁ ମହାବିଦ୍ୟାଳୟର ଅସ୍ଥାୟୀ ମାନ୍ୟତା ପାଇଥିଲା ଏବଂ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଭର୍ତ୍ତି କରିଥିଲା— ମାନ୍ୟତା ପ୍ରଦାନ ପାଇଁ ଆବେଦନ— ଭାରତର ଚିକିତ୍ସା ପରିଷଦର ଏକ ଦଳ ଦ୍ୱାରା କରାଯାଇଥିବା ନିରୀକ୍ଷଣ— ଦଳ ବିଭିନ୍ନ ଅଭାବ ଲକ୍ଷ୍ୟ କରିଥିଲା— ଚିକିତ୍ସା ପରିଷଦ ଦ୍ୱାରା ଦର୍ଶାଯାଇଥିବା ତ୍ରୁଟିଗୁଡ଼ିକ ଅପସାରଣ ନହେବା ପର୍ଯ୍ୟନ୍ତ ମହାବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କରିବାର କୌଣସି ପ୍ରଶ୍ନ ଉଠିବ ନାହିଁ— ତ୍ରୁଟିଗୁଡ଼ିକୁ ଦୂର କରିବା ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅଧିକାର ରହିଛି— ଏହା ପରେ ସେମାନେ ପରବର୍ତ୍ତୀ ନିରୀକ୍ଷଣ ପାଇଁ ଚିକିତ୍ସା ପରିଷଦ ନିକଟରେ ଆବେଦନ କରିପାରିବେ— କିନ୍ତୁ ତଥ୍ୟ ଉପରେ ସ୍ୱୀକୃତି ପ୍ରଦାନ ପାଇଁ ଚିକିତ୍ସା ପରିଷଦ କିମ୍ବା ଭାରତ ସଂଘକୁ କୌଣସି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ— ମାନ୍ୟତା ପ୍ରଦାନ ପୂର୍ବରୁ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା, ଅତ୍ୟନ୍ତ ଦାୟିତ୍ୱହୀନ ପଦକ୍ଷେପ ଥିଲା— ମାନ୍ୟତା ପ୍ରଦାନ ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ନାମଲେଖା ନକରିବାକୁ ମହାବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିଲା ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ସ୍ୱତନ୍ତ୍ର ଅନୁମତି ଆବେଦନ ସଂଖ୍ୟା 18168-68 A/1994 ।

ଆଇ.ଏ. ସଂଖ୍ୟା 5 ।

ଏଥିରେ

ସି.ଆର୍. ସଂଖ୍ୟା 1948 ଏବଂ 106/1993ରେ ଆସାମ ଉଚ୍ଚ ନ୍ୟାୟାଳୟଙ୍କର ତା16.5.94ରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ପି.ପି. ତ୍ରିପାଠୀ, ୱାଇ.ପି. ମହାଜନ, ଅନିଲ କଟିୟାର, ମନିନ୍ଦର ସିଂ, ସୁଶ୍ରୀ ଲିରା ଗୋସ୍ୱାମୀ, ସୁଶ୍ରୀ ଅମିତା ଭି. ଦୁଗ୍ଗଲ, ରାଜୀବ ମେହେତା, କେ.କେ. ଗୁପ୍ତା, ହିମିନ୍ଦର ଲାଲ ଏବଂ ଭି.କେ. ବର୍ମା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବାବା ମୁଙ୍ଗିପା ଶିକ୍ଷା ନ୍ୟାସ ତ୍ରିପୁରାରେ ଏକ ଡାକ୍ତରୀ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଚାହୁଁଥିଲା । ନ୍ୟାସ ଅନୁଯାୟୀ, ତ୍ରିପୁରାରେ କୌଣସି ଡାକ୍ତରୀ ମହାବିଦ୍ୟାଳୟ ନଥିଲା ଏବଂ ନ୍ୟାସ ସେହି ରାଜ୍ୟରେ ଦୀର୍ଘ ଦିନର ଆବଶ୍ୟକତା ପୂରଣ କରିବାକୁ ଚେଷ୍ଟା କରିଥିଲା । ଭାରତର ଚିକିତ୍ସା ପରିଷଦ ଅଧିନିୟମ ଅନୁଯାୟୀ, 1.11.1994ରେ କଲେଜ ପ୍ରତିଷ୍ଠା ପାଇଁ ଅନୁମତି ନିମନ୍ତେ ଏହା କେନ୍ଦ୍ର ସରକାରଙ୍କୁ ଆବେଦନ କରିଥିଲା । ଏହି ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । କେନ୍ଦ୍ର ସରକାରଙ୍କ ନିଷ୍କ୍ରିୟତାରେ ବ୍ୟଥିତ ହୋଇ, ନ୍ୟାସ ବିଭିନ୍ନ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ପରିଶେଷରେ ତା21.7.1995ରିଖର ଏକ ଆଦେଶ ଦ୍ୱାରା, କେନ୍ଦ୍ର ସରକାରଙ୍କୁ ଆବେଦନ ପ୍ରକ୍ରିୟାକରଣ ପାଇଁ ଏବଂ ଭାରତର ଚିକିତ୍ସା ପରିଷଦ ସହିତ ପରାମର୍ଶ କରି ଆଇନ ଅନୁଯାୟୀ ଏହାର ପରିସମାପ୍ତି କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଏହି ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ।

ସମୟ ସମୟରେ, ଏହି ନ୍ୟାୟାଳୟ ଅନ୍ୟ ନିର୍ଦ୍ଦେଶ ଦେଇଛନ୍ତି । ବିଶ୍ୱବିଦ୍ୟାଳୟ ଠାରୁ ମହାବିଦ୍ୟାଳୟର ଅସ୍ଥାୟୀ ମାନ୍ୟତା ପାଇବାର ପ୍ରୟାସରେ ନ୍ୟାସ ସଫଳ ହୋଇଥିଲା । ନ୍ୟାସ ତରଫରୁ କୁହାଯାଇଛି ଯେ, ସେମାନେ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଏବଂ ପ୍ରଥମ ବର୍ଷର ଶ୍ରେଣୀରେ, ବିଦ୍ୟାର୍ଥୀମାନଙ୍କୁ ଭର୍ତ୍ତି କରିଥିଲେ । କିନ୍ତୁ କିଛି ସମୟ ପରେ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ର ସରକାରଙ୍କ ନିଷ୍କ୍ରିୟତା କାରଣରୁ ଶ୍ରେଣୀଗୁଡ଼ିକୁ ସ୍ଥଗିତ ରଖିବାକୁ ପଡ଼ିଥିଲା । ଏହା ବିବାଦୀୟ ନୁହେଁ ଯେ, ବର୍ତ୍ତମାନ ଅନେକ ବର୍ଷ ଧରି କୌଣସି ଶ୍ରେଣୀ ଅନୁଷ୍ଠିତ ହୋଇନାହିଁ ।

ବି.ଏମ୍. ଡାକ୍ତରୀ ମହାବିଦ୍ୟାଳୟ ଏବଂ ଗବେଷଣା କେନ୍ଦ୍ର ବନାମ ତ୍ରିପୁରା ରାଜ୍ୟ

ନ୍ୟାସର ମାମଲା ହେଉଛି ଯେ, ଏହି ମହାବିଦ୍ୟାଳୟକୁ ସ୍ୱୀକୃତି ନଦେବାର କୌଣସି କାରଣ ନାହିଁ । ମହାବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ସୁବିଧାଗୁଡ଼ିକରେ କିଛି ତ୍ରୁଟି, ଭାରତର ଚିକିତ୍ସା ପରିଷଦଙ୍କ ଦ୍ୱାରା ଉଲ୍ଲେଖ କରାଯାଇଛି । ମହାବିଦ୍ୟାଳୟ ମାନ୍ୟତା ପାଇବା ପରେ ସେହି ତ୍ରୁଟିଗୁଡ଼ିକ ଦୂର ହୋଇଯିବ । ଯଦି ମହାବିଦ୍ୟାଳୟଟି ଚିକିତ୍ସା ପରିଷଦ ଦ୍ୱାରା ସ୍ୱୀକୃତି ପ୍ରାପ୍ତ କରେ ନାହିଁ, ତେବେ ପୂର୍ବରୁ ଭର୍ତ୍ତି ହୋଇଥିବା ବିଦ୍ୟାର୍ଥୀମାନଙ୍କ ପ୍ରତି ଗୁରୁତର ପକ୍ଷପାତିତା ହେବ । ବିଦ୍ୟାର୍ଥୀମାନଙ୍କ ତରଫରୁ ମଧ୍ୟ ଏହା ନିବେଦନ କରାଯାଇଛି ଯେ, ନ୍ୟାସ ଦ୍ୱାରା ସ୍ଥାପିତ ମହାବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କରିବାକୁ ଭାରତର ଚିକିତ୍ସା ପରିଷଦକୁ ନିର୍ଦ୍ଦେଶ ଦିଆଯିବା ଉଚିତ ।

28 ଜୁଲାଇ, 1997ରେ ଏହି ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଚିକିତ୍ସା ପରିଷଦଙ୍କ ଦ୍ୱାରା ଏକ ନିରୀକ୍ଷଣ କରାଯାଇଥିଲା । ଏହି ନ୍ୟାୟାଳୟରେ ନିରୀକ୍ଷଣ ବିବୃତିର ଏକ ନକଲ ଦାଖଲ କରାଯାଇଛି । ବିବୃତିରୁ ଜଣାପଡ଼େ ଯେ, ଉକ୍ତ ନିରୀକ୍ଷଣ 23 ଏବଂ 24 ସେପ୍ଟେମ୍ବର, 1997ରେ ଭାରତର ଚିକିତ୍ସା ପରିଷଦଙ୍କ ଦ୍ୱାରା ନିଯୁକ୍ତ ଡାକ୍ତରମାନଙ୍କ ଏକ ଦଳ ଦ୍ୱାରା କରାଯାଇଥିଲା । ଏହି ବିବୃତିରେ ମହାବିଦ୍ୟାଳୟର ବିଭିନ୍ନ ଦୁର୍ବଳତା ବିଷୟରେ ଉଲ୍ଲେଖ କରାଯାଇଥିଲା । ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ମହାବିଦ୍ୟାଳୟର ଉପଯୁକ୍ତ କୋଠା ନାହିଁ ଏବଂ କୋଠା ନିର୍ମାଣ ପାଇଁ ଏପର୍ଯ୍ୟନ୍ତ ଜମି ଅର୍ଜନ କରାଯାଇ ନାହିଁ । ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଛି ଯେ, ସରକାର ଖୁବ୍ ଶୀଘ୍ର ଜମି ଦେବେ ବୋଲି ଆଶା କରାଯାଉଛି ଏବଂ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ।

ଆମର ମତ ହେଉଛି ଯେ, ଯେପର୍ଯ୍ୟନ୍ତ ଭାରତର ଚିକିତ୍ସା ପରିଷଦଙ୍କ ଦ୍ୱାରା ଦର୍ଶାଯାଇଥିବା ତ୍ରୁଟିଗୁଡ଼ିକ ଅପସାରଣ ନହୁଏ, ମହାବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କରିବାର କୌଣସି ପ୍ରଶ୍ନ ଉଠିପାରିବ ନାହିଁ । ବିବୃତିରେ ଦର୍ଶାଯାଇଥିବା ତ୍ରୁଟିଗୁଡ଼ିକୁ ଦୂର କରିବା ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅଧିକାର ରହିବ । ତ୍ରୁଟିଗୁଡ଼ିକ ସୁଧାରିବା ପରେ, ସେମାନେ ଅଧିକ ଯାଞ୍ଚ ପାଇଁ ଚିକିତ୍ସା ପରିଷଦଙ୍କୁ ଆବେଦନ କରିପାରିବେ । ଉପଯୁକ୍ତ ଡାକ୍ତରୀ ଶିକ୍ଷା ପ୍ରଦାନ କରିବା ପାଇଁ ମହାବିଦ୍ୟାଳୟରେ ସମସ୍ତ ସୁବିଧା ଅଛି କି ନାହିଁ ତାହା ସ୍ଥିର କରିବା ଭାରତର ଚିକିତ୍ସା ପରିଷଦଙ୍କ ପାଇଁ ରହିଛି । କିନ୍ତୁ ବିବୃତିରେ ପ୍ରକାଶ ପାଇଥିବା ତଥ୍ୟ ପାଇଁ ମହାବିଦ୍ୟାଳୟକୁ ସ୍ୱୀକୃତି ଦେବା ପାଇଁ କୌଣସି ପଦକ୍ଷେପ ନେବାକୁ ଭାରତର ଚିକିତ୍ସା ପରିଷଦ କିମ୍ବା ଭାରତ ସଂଘକୁ କୌଣସି ନିର୍ଦ୍ଦେଶ

ଦିଆଯାଇପାରିବ ନାହିଁ । ଭାରତର ଚିକିତ୍ସା ପରିଷଦ ଦ୍ୱାରା ସ୍ୱୀକୃତି କିମ୍ବା ବିଶ୍ୱବିଦ୍ୟାଳୟ ଦ୍ୱାରା ମାନ୍ୟତା ପ୍ରଦାନ କରିବା ପୂର୍ବରୁ ମଧ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରମାନଙ୍କ ନାମଲେଖା ଏକ ଅତ୍ୟନ୍ତ ଦାୟିତ୍ୱହୀନ ପଦକ୍ଷେପ ଥିଲା । ଉପଯୁକ୍ତ ମାନ୍ୟତା ନମିଳିବା ପର୍ଯ୍ୟନ୍ତ କୌଣସି ବିଦ୍ୟାର୍ଥୀମାନଙ୍କ ନାମଲେଖା ନକରିବାକୁ ମହାବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି । ଆଇ.ଏ. ସଂଖ୍ୟା 5କୁ ଉପରୋକ୍ତ ଭାବେ ପରିସମାପ୍ତ କରାଯାଇଛି ।

ଟି.ଏନ୍.ଏ. ଆବେଦନ ପରିସମାପ୍ତ ହେଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ
ଆଦିତ୍ୟ ପ୍ରସାଦ ମିଶ୍ର
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।